G.S. (M) 2013

वियोज्य / *DETACHABLE*

# ORIYA

## COMPULSORY

*Time Allowed : Three Hours* | *Maximum Marks : 300*

### QUESTION PAPER SPECIFIC INSTRUCTIONS

**Please read each of the following instructions carefully before attempting questions.**

All questions are to be attempted.

The number of marks carried by a question is indicated against it.

Answer must be written in ORIYA unless otherwise directed in the question.

Word limit in questions, wherever specified, should be adhered to and if answered in much longer or shorter than the prescribed length, marks may be deducted.

Any page or portion of the page left blank in the answer book must be clearly struck off.

Attempts of questions shall be counted in chronological order. Unless struck off, attempt of a question shall be counted even if attempted partly.

**1.** ନିମ୍ନୋକ୍ତ ପ୍ରତ୍ୟେକ ବିଷୟରେ **300** ଶବ୍ଦ ମଧ୍ୟରେ ପ୍ରବନ୍ଧ ଲେଖ : 50×2=100

**1.(କ)** ଆମେ କର୍ମରେ ବଞ୍ଚିବା, ବର୍ଷରେ ନୁହେଁ

**1.(ଖ)** ଠିକଣା ସମୟରେ ନ୍ୟାୟ ନ ମିଳିଲେ ସମାଜ ବଞ୍ଚିବ ନାହିଁ

**2.** ନିମ୍ନ ପରିଚ୍ଛେଦଟି ଭଲଭାବରେ ପାଠ କର ଏବଂ ଏହାକୁ ଭିତ୍ତିକରି ଶେଷରେ ଦିଆଯାଇଥିବା ପ୍ରଶ୍ନମାନଙ୍କର ଉତ୍ତର ସରଳ, ସଠିକ ଓ ସ୍ପଷ୍ଟ ଭାବରେ ଦିଅ । 6×10=60

ସାମ୍ବାଦିକମାନଙ୍କ ମଧ୍ୟରେ ମତପାର୍ଥକ୍ୟ ପ୍ରଶାସକମାନଙ୍କ ପାଇଁ ଏକ ସୁଖପ୍ରଦ ବିଷୟ, ଯାହାର ଅର୍ଥ ହେଉଛି ଗଣମାଧ୍ୟମର ଶକ୍ତି ହ୍ରାସ, ଯେହେତୁ ଏହା ଏକାଧିକ ସ୍ୱରରେ ସବୁ କହିଥାଏ । ଏହାର ଉଚ୍ଚ ସ୍ୱର ନୁହେଁ କିମ୍ବା କେତେ ଶ୍ରୋତାଗୋଷ୍ଠୀକୁ ଏହା ଶୁଣାଗଲା ନୁହେଁ, ଯହିଁରୁ ଖବରକାଗଜ ପ୍ରଭାବର ଯଥାର୍ଥ ମୂଲ୍ୟାୟନ କରାଯାଇ ପାରିବ । ଗଣମାଧ୍ୟମର ଶକ୍ତି ଏକ ଅସ୍ପଷ୍ଟ ପ୍ରସଙ୍ଗ, ଏବଂ ଏହା ଖବରକାଗଜ ବିକି ପଇସା ରୋଜଗାର ନୁହେଁ କିମ୍ବା ଏହା ବହୁଳ ପ୍ରସାରର ବିକାଶ ମାର୍ଗ ନୁହେଁ ।

ଖବରକାଗଜର ପ୍ରସାର ସର୍ବସାଧାରଣଙ୍କର କାଗଜ ପ୍ରତି ଦୁର୍ବଳତା ଓ ଶ୍ରଦ୍ଧା ପାଇଁ ହୋଇଥାଏ ଏବଂ ଏଥିରେ କିପରି ଆଡ଼ମ୍ବରପୂର୍ଣ୍ଣଭାବରେ ତୋଷାମଦ କରାଯାଇଥାଏ ଦେଖିବାକୁ ମିଳେ । ଏହା ଚଳଚ୍ଚିତ୍ରର ଟିକେଟ ବିକ୍ରି ସଦୃଶ ଅଟେ । ଚଳଚ୍ଚିତ୍ରର ଶକ୍ତି ଚରିତ୍ର ଉପରେ ନିର୍ଭର କରେ । ପ୍ରଦର୍ଶନଦ୍ୱାରା ଏହା କିପରି ପରସ୍ପରଠାରୁ ପାର୍ଥକ୍ୟ ଜାଣି ହୁଏ । ଚଳଚ୍ଚିତ୍ରର ବ୍ୟାବସାୟିକ କୃତିତ୍ୱ ସବୁବେଳେ ଏହାର କଳାତ୍ମକ କୌଶଳଠାରୁ ଭିନ୍ନ ଅଟେ । କଳାର ମୂଲ୍ୟ ବିବେଚନା କେବେହେଲେ ଗୋଷ୍ଠୀଗତଭାବରେ କରାଯାଏ ନାହିଁ । ଏହା ସ୍ୱଳ୍ପସଂଖ୍ୟକ ନିର୍ବାଚିତ ଚିହ୍ନରା ଗ୍ରାହକମାନଙ୍କ ଦ୍ୱାରା ହୋଇଥାଏ । ଅଳ୍ପସଂଖ୍ୟକ ନିର୍ବାଚିତ ଚିହ୍ନରା ଗ୍ରାହକ ଓ ବିଶ୍ଳେଷଣ କରି ଆନନ୍ଦ ଅନୁଭବ କରୁଥିବା ବହୁସଂଖ୍ୟକ ଦର୍ଶକ ମଧ୍ୟରେ ସବୁବେଳେ ଦ୍ୱନ୍ଦ୍ୱ ଲାଗି ରହିଥାଏ । ଶେଷୋକ୍ତ ଗ୍ରାହକମାନଙ୍କୁ ଶିକ୍ଷା ଦେବା ଉଭୟ ଚଳଚ୍ଚିତ୍ର ଓ ଗଣମାଧ୍ୟମର ଲକ୍ଷ୍ୟ । ଉଭୟର ପ୍ରଭାବିତ କରିବା ଶକ୍ତି ସମାନ ।

2.(i) ଲେଖକ କେଉଁ ଦୁଇଟି ଜିନିଷର ତୁଳନା କରିଛନ୍ତି ?

2.(ii) କିପରିଭାବରେ ସର୍ବସାଧାରଣ ଖବରକାଗଜକୁ ବିବେଚନା କରି ତା'ର ସଂପର୍କରେ ପ୍ରତିକ୍ରିୟା ଦିଅନ୍ତି ?

2.(iii) କେଉଁ ଉପାଦାନକୁ ଲେଖକ ସୂଚାଇଛନ୍ତି ?

2.(iv) ଲେଖକଙ୍କ ଅନୁଯାୟୀ କ'ଣ ଖବରକାଗଜର ଲକ୍ଷ୍ୟ ହେବା ଉଚିତ ?

2.(v) କେଉଁ ଲୋକମାନଙ୍କୁ ଲେଖକ ଅନୁମୋଦନ କରି ନାହାନ୍ତି ?

2.(vi) ଖବରକାଗଜର ମାନ ସଂପର୍କରେ କେଉଁଟି ଏକ ଭୁଲ୍ ଛବି ପ୍ରଦାନ କରେ ?

3. ନିମ୍ନ ପରିଚ୍ଛେଦର ସଂକ୍ଷିପ୍ତସାର ଏକତୃତୀୟାଂଶ ଶବ୍ଦ ମଧ୍ୟରେ ଲେଖ । ଏହି ପରିଚ୍ଛେଦର ଏକ ନାମ ଦେବା ଅନାବଶ୍ୟକ । ନିର୍ଦ୍ଧାରିତ ଶବ୍ଦ ମଧ୍ୟରେ ନ ଲେଖିଲେ ମୂଲ୍ୟାଙ୍କନ ବିଯୁକ୍ତ ହେବ । 60

ସାମ୍ପ୍ରତିକ ବିଶ୍ୱରେ 'ଦେଶ-ରାଜ୍ୟ' ଓ 'ଦେଶ' ମଧ୍ୟରେ ବ୍ୟାପକ ଅସ୍ୱଚ୍ଛତା ପରିଲକ୍ଷିତ ହେଉଛି । ଦେଶ-ରାଜ୍ୟକୁ ସହଜରେ ବ୍ୟାଖ୍ୟା କରି ସେଗୁଡ଼ିକୁ ବିଶ୍ୱର ରାଜନୀତିକ ଅନୁଷ୍ଠାନ କୁହାଯାଇପାରେ । ସେଗୁଡ଼ିକୁ ବେଳେ ବେଳେ ସାର୍ବଭୌମ ରାଜ୍ୟସହ ସମାନ କରି ଦେଖନ୍ତି, ସେଗୁଡ଼ିକର ମିଳିତ ଜାତିସଂଘରେ ସ୍ଥାନ ରହିଛି, ସେଗୁଡ଼ିକୁ ଇଂରେଜୀରେ କୁହାଯାଏ 'ରାଷ୍ଟ୍ର' । ଏହା ସୁବିଧାଜନକ ହେବ ଯଦି ତାହାକୁ ଆମେ ସାଧାରଣଭାବରେ ରାଜ୍ୟ କହିବା, କିନ୍ତୁ ଏହି ଶବ୍ଦଟି ଅତି ଦୁର୍ଭାଗ୍ୟଜନକଭାବରେ କିଛି ସ୍ଥାନରେ ଦେଶ-ରାଜ୍ୟ ଅର୍ଥରେ କ୍ଷୁଦ୍ରତର ପରିସରରେ ଯାହା 'ଦେଶ-ରାଜ୍ୟ' ଅର୍ଥରୁ ଆହୁରି ସଂକୀର୍ଣ୍ଣ ସେଇ ଅର୍ଥରେ ବ୍ୟବହାର କରାଯାଉଛି ।

ଦେଶ-ରାଜ୍ୟ ଓ ସାର୍ବଭୌମ ରାଜ୍ୟ ମଧ୍ୟରେ ସାମ୍ୟ ରକ୍ଷା କରାଯାଇପାରେ, କିନ୍ତୁ ଏହା ଯଥାର୍ଥ ନୁହେଁ, କାରଣ ଆଧୁନିକ ବିଶ୍ୱରେ ସାର୍ବଭୌମର ଅତି ଅସ୍ଥିର ଅବସ୍ଥା ସବୁବେଳେ ପରିଲକ୍ଷିତ । ସୌଭାଗ୍ୟବଶତଃ ସବୁ ଦେଶ-ରାଜ୍ୟ ସେମାନଙ୍କର ସାର୍ବଭୌମତ୍ୱର କିଛି ଅଂଶକୁ ଆନ୍ତର୍ଜାତିକ ପ୍ରତିଷ୍ଠାନ ନିକଟରେ ସମର୍ପଣ କରିଛନ୍ତି; କିନ୍ତୁ ଏହି ପ୍ରତିଷ୍ଠାନ ମଧ୍ୟରେ ମିଳିତ ଜାତିସଂଘ ହେଉଛି ସର୍ବୋତ୍କୃଷ୍ଟ ଦୃଷ୍ଟାନ୍ତ, ଯେଉଁଠି ଦେଶ-ରାଜ୍ୟ ସ୍ୱକର୍ତ୍ତୃତ୍ୱ ଜାହିର କରନ୍ତି । ରାଜ୍ୟସହ ସଂପର୍କବେଳେ ରାଜନୀତିକ ଶକ୍ତି ପ୍ରଦର୍ଶନ ଓ ବିଭିନ୍ନ ବିଷୟରେ ବୁଝାମଣା କରାଯାଏ । ଅପର ପକ୍ଷରେ ଅନେକ ଛୋଟ ରାଜ୍ୟ ଶକ୍ତିଶାଳୀ ପଡ଼ୋଶୀ ଓ ଆନ୍ତର୍ଜାତିକ ସଂଗଠନ ଅଧୀନରେ ଥାଆନ୍ତି, ଏବଂ ପ୍ରକୃତପକ୍ଷେ କୌଣସି ସ୍ୱାଧୀନ ମତ ସେମାନଙ୍କର ଅନେକ କ୍ଷେତ୍ରରେ ନ ଥାଏ ।

ଅନେକ ଦେଶ-ରାଜ୍ୟ ନିଜକୁ ଦେଶ ବୋଲି କହନ୍ତି । ସୁତରାଂ, କାହିଁକି ମୋଟାମୋଟି ଭାବରେ ଉପରୁ ଦେଖି 'ଦେଶ-ରାଜ୍ୟ' ଓ 'ଦେଶ'କୁ ସମାନ ରୂପେ ଗ୍ରହଣ ନ କରିବା ? ଏହା ସମ୍ଭବପର ନୁହେଁ, ଏହା ଭିନ୍ନାର୍ଥବାଚକ । ଏକ ଦେଶ-ରାଜ୍ୟ ହେଉଛି ଆଇନତଃ ସ୍ୱଷ୍ଟ ଅସ୍ତିତ୍ୱ ଥିବା ସତ୍ତା, ଦେଶ ହେଉଛି ଏକ ନିର୍ଦ୍ଦିଷ୍ଟ ଜନବସତି ସ୍ଥାନ । ଆଧୁନିକ ଜନବସତି ନିଜକୁ ଦେଶ କହିବା ସହିତ ଦେଶ-ରାଜ୍ୟ ସହିତ ନିଜକୁ ସମାନ କରି ଦେଖନ୍ତି । ଅନେକ ଭଲଭାବେ ଜାଣନ୍ତି ଯେ ପ୍ରାକ୍ତନ ସଂଯୁକ୍ତ ଗଣରାଜ୍ୟ ସୋଭିଏତ ସଂଘର ଜର୍ଜିଆ, ଲିଥୁନିଆ, ଇଉକ୍ରେନିଆ ଦେଶଗୁଡ଼ିକ ଗଣରାଜ୍ୟର ସ୍ୱାଧୀନତା ପୂର୍ବରୁ ଥିଲା, ଏବଂ ଏଇଭଳି ଜନବସତିପୂର୍ଣ୍ଣ ରାଜ୍ୟ ସ୍କଟ୍‌ଲାଣ୍ଡ୍‌କୁ ଦେଶର ମର୍ଯ୍ୟାଦା ଦେବା ଉଚିତ ବୋଲି ଅନେକ ମନେ କରନ୍ତି । ଅନ୍ୟଭାବରେ ବୁଝାଇଲେ ଏସବୁ ସ୍ୱୟଂଶାସିତ ହେବାର ଆସ୍ପୃହା କିମ୍ବା ସ୍ୱାଧୀନତା ପାଇଁ ଯଥେଷ୍ଟ ଅଭୀପ୍ସା ରଖେ । ଯଦିଓ ଶାସନତନ୍ତ୍ର

ଉପରଠାଉରିଆଭାବେ ଆଧୁନିକ ଦେଶ-ରାଜ୍ୟକୁ ବେଶ୍ ପ୍ରାଚୀନ ବିବେଚନାପୂର୍ବକ ବିଶ୍ୱର ବିଭିନ୍ନ ସ୍ଥାନର ଦୃଷ୍ଟାନ୍ତ ଦିଅନ୍ତି, ଯେମିତି ଚୀନ୍, ଭାରତ ଓ ଭୂମଧ୍ୟସାଗରୀୟ ଅଞ୍ଚଳ । ଏସବୁ ଅତି ପ୍ରାଚୀନ ଭୂଖଣ୍ଡ – ଯାହା ପ୍ରାଚୀନ ସମୟରୁ ରହିଥିଲା । ପ୍ରାଚୀନ ଢାଞ୍ଚାର ଶାସନତନ୍ତ୍ର ଆଧୁନିକ ଦେଶ-ରାଜ୍ୟ ଆକାରରେ ଧୀରେ ଧୀରେ ରୂପାନ୍ତରିତ ହୋଇଛି, ଯାହାର ନିଦର୍ଶନ ହେଉଛି ଅଷ୍ଟ୍ରୋ ହଙ୍ଗେରିଆ, ରୁଷିଆ ଓ ତୁର୍କର ସାମ୍ରାଜ୍ୟ । ଏହା 1917-1918 ମସିହା ବେଳକୁ ଥିଲା ବଂଶାନୁକ୍ରମିକ ସାମ୍ରାଜ୍ୟ । ବାସ୍ତବପକ୍ଷେ ସୋଭିଏତ ଗଣରାଜ୍ୟରେ 1991 ମସିହା ପର୍ଯ୍ୟନ୍ତ ରୁଷିଆର ବହୁ ପରମ୍ପରା ପରିଲକ୍ଷିତ । ଏବେ ମଧ୍ୟ ଅନେକ ଦୃଷ୍ଟାନ୍ତ ମିଳେ ଯାହାଦ୍ୱାରା 'ଦେଶ-ରାଜ୍ୟ' ସହ 'ଦେଶ'କୁ ସମାନ କରାଯାଇ ପାରିବ ନାହିଁ । ଯେତେବେଳେ ଆଜି ଅନେକ ଦେଶ-ରାଜ୍ୟ ତାଙ୍କର ଶାସନତନ୍ତ୍ରକୁ ଦେଶରୂପେ ଘୋଷଣା କରୁଛନ୍ତି, ରାଜ୍ୟ ଅର୍ଥ ଜନବସତିକୁ ବୁଝାଉଛି – ଏପରିକି ସ୍କଟ୍, ୱେଲ୍ସ୍ ନିଜକୁ ବ୍ରିଟିଶ ଦେଶ ଅପେକ୍ଷା ସ୍କଟିସ-ବ୍ରିଟିଶ, ୱେଲ୍ସ୍-ବ୍ରିଟିଶ ଏହିପରି ଆପଣା ଜାତୀୟତାର ପରିଚୟ ଦେଉଛନ୍ତି । ଆରବ ଦେଶରେ ଅନେକ ଅନୁଭବ କରୁଛନ୍ତି ଯେ ସେମାନେ ଆରବ ଦେଶର ଲୋକ । କେବେହେଲେ ସେମାନେ ଆରବ ଦେଶ ଇରାକରୁ ମରୋକୋ ଏବଂ ଦକ୍ଷିଣ ୟେମେନ ପର୍ଯ୍ୟନ୍ତ ଯେ ସୁବିସ୍ତୃତ ଗଣନା କରୁ ନାହାନ୍ତି ।

ଅନେକ ଲୋକଙ୍କ ପାଇଁ ଏକ ଜାତିଗତ ସାଂସ୍କୃତିକ (ଦେଶଗତ ନୁହେଁ) ପରିଚିତି ଏତେ ଗଭୀର ଯେ (ରାଜ୍ୟଗତ) ଜାତୀୟ ପରିଚିତି ଦୁର୍ବଳ ଓ ଅପ୍ରସିଦ୍ଧ । ଏ ସଂପର୍କରେ ଆମେ ପ୍ରଥମ ଆମେରିକାନ୍ କିମ୍ବା ଆଫ୍ରିକୀୟ ଜାତିଗତ ସାଂସ୍କୃତିକ ଗୋଷ୍ଠୀ (ଆଦିବାସୀସଂପ୍ରଦାୟ) କଥା କହି ପାରିବା । ଦେଶ-ରାଜ୍ୟ ଓ ଦେଶ ସମାନ କଥା ନୁହେଁ ଯଦ୍ୟପି ଉଭୟଙ୍କ ମଧ୍ୟରେ ଏକ ମୋଟାମୋଟି ନିବିଡ଼ ସଂପର୍କ ବିଦ୍ୟମାନ । ଅନ୍ଥୋନି ସ୍ମିଥ୍ (ନିର୍ଦ୍ଦିଷ୍ଟ ଭାବରେ ସ୍ମିଥ୍ 1991 ଦେଖନ୍ତୁ) ଦେଶକୁ ଏକ ଜାତିଗତ ସାଂସ୍କୃତିକ ସଂଘରୁ ସୃଷ୍ଟ ଏକ ବୃହତ୍ତର ଜନବସତି କହିଛନ୍ତି ଏବଂ ବିଭିନ୍ନ ରାଜ୍ୟ ଭିତରେ ଏହି ଜାତିଗତ ସାଂସ୍କୃତିକ ସଂଘ ଏକ ଜାତୀୟ ପରିଚିତି ନେଇ ବହୁ ଜନବସତିକୁ ଘେନି ରହନ୍ତି । (Total words – 445)

4. Translate the following passage into Oriya : 20

Raman completed school when he was just eleven years old and spent two years studying in his father's college. When he was only thirteen years old, he went to Madras (which is now Chennai), to join the B.A. course at Presidency College. Besides being young for his class, Raman was also quite unimpressive in appearance and recalls, '......in the first English class that I attended, Professor E. H. Elliot addressing me, asked if I really belonged to the junior B.A. class, and I had to answer him in the affirmative'. He, however, stunned all the sceptics when he stood first in the B.A. examinations.

Seeing what a brilliant student he was, his teachers asked him to prepare for the Indian Civil Services (ICS) examination. It was a very prestigious examination and very rarely did non-Britishers get through it. Yet Raman had impressed his teachers so much that they urged him to take it up at such an early age. In spite of their student's brilliance, the plan was not to work. Raman had to undergo a medical examination before he could qualify to take the ICS test and the Civil Surgeon of Madras declared him medically unfit to travel to England ! This was the only examination that Raman failed, and he would later remark in his characteristic style about the man who disqualified him, 'I shall ever be grateful to this man', but at that time, he simply put the attempt behind him and went on to study Physics.

5. ନିମ୍ନ ପରିଚ୍ଛେଦଟିକୁ ଇଂରେଜୀରେ ଅନୁବାଦ କର : 20

ଯାହା ହାତକୁ ହାତ ସହଜରେ କିଣିବାର ମାଧ୍ୟମ ରୂପେ ବ୍ୟବହୃତ ହୁଏ ତାହାକୁ ଟଙ୍କା ଭାବେ ବୁଝାଯାଇପାରେ । ଏହା ଅଦଳ ବଦଳ ପ୍ରକ୍ରିୟା କିମ୍ବା ପାଉଣା ଆକାରରେ ଦେୟ ହୋଇପାରେ, ଯେଉଁ ପ୍ରକ୍ରିୟା ବହୁ ଅସୁବିଧାଜନକ, କାରଣ ବଦଳା ଯାଉଥିବା ଜିନିଷର ଦେୟର ମୂଲ୍ୟାୟନ କାଠିକର ପାଠ, ଏବଂ ଉଭୟ କ୍ରେତା ଓ ବିକ୍ରେତାଙ୍କ ପକ୍ଷରେ ଜଣେ ଅନ୍ୟଜଣକୁ ଯାହା ଦେଉଛି ଏଥିରେ ଗ୍ରହଣୀୟ ହେବା ଉଚିତ । ଏହି ଅଦଳ ବଦଳରେ ଟଙ୍କା ବିଶେଷରୂପେ ସହାୟତା କରେ ଏବଂ ଶ୍ରମ ବିଭାଜନରେ ସାହାଯ୍ୟ କରେ, ଯାହା ଉତ୍ପାଦନ ଅଭିବୃଦ୍ଧିର ଭିତ୍ତି । ଟଙ୍କା ଯେ କୌଣସି ବସ୍ତୁ ହୋଇପାରେ କିମ୍ବା ଯେ କୌଣସି ରୂପ ଆଇନ ବା ଚଳଣି ଦ୍ୱାରା ପରିଗ୍ରହ କରିପାରେ, କିନ୍ତୁ ଏହାର ଏକ ଅତ୍ୟାବଶ୍ୟକ ଲକ୍ଷଣ ହେଉଛି ଏହା ସହଜରେ ଓ ବହୁଭାବରେ ଗ୍ରହଣୀୟ ହେବା ବିଧେୟ । ଆଦିମ ଜନଜାତିମାନେ ଗାଈଗୋରୁ, ଶୁଷ୍କଫଳ, ଚାଉଳ ଓ ଚା ଏହି ସାମଗ୍ରୀମାନ ବ୍ୟବହାର କରୁଥିଲେ କିନ୍ତୁ ଆଧୁନିକ ସଭ୍ୟରାଷ୍ଟ୍ରରେ ଧାତୁ ଓ କାଗଜ ଏ ପାଇଁ ନିୟୋଜନ କରାଯାଉଛି । ଏହା ମୁଦ୍ରା କିମ୍ବା କାଗଜ ନୋଟ୍‌ସ୍ ଆକାରରେ ହୋଇପାରେ, ଏହାର ମାନ ଓ ଗ୍ରହଣଶୀଳତା ଏହାର ସ୍ଥାୟୀତ୍ୱ, ବହନୀୟତା, ସମଜାତୀୟତା ଉପରେ ନିର୍ଭର କରେ । ଏଥିପାଇଁ ଧାତୁ ମୁଖ୍ୟତଃ ସୁନା, ରୁପା, ତମ୍ବା ଓ ଦସ୍ତା ହୋଇପାରେ । ବିଭିନ୍ନ ପ୍ରଣାଳୀରେ ନୋଟ୍‌ସ୍ ପ୍ରଚଳନ କରାଯାଏ ।

6.(କ) ବିଶେଷ ଅର୍ଥ ଲେଖି ବାକ୍ୟରେ ବ୍ୟବହାର କର । 5×2=10

6.(କ)(i) ଅଲଣା କଥା

6.(କ)(ii) ବାହାଘର ବେଳେ ବାଇଗଣ ରୁଆ

6.(କ)(iii) ନ ଦେଖିଲା ଓଉ ଛଅ ଫଡ଼ା

6.(କ)(iv) ଗୋଠ ଖଣ୍ଡିଆ

6.(କ)(v) ହଲିଲା ପାଣିକୁ ଗୋଡ଼ ନ ବଢ଼ାଇବା

6.(ଖ) ନିମ୍ନ ଶବ୍ଦରେ ଥିବା ଭ୍ରମ ସଂଶୋଧନ କର : 5×2=10

6.(ଖ)(i) ଆନୁସଙ୍ଗିକ

6.(ଖ)(ii) ପୂଜ୍ୟାସ୍ପଦ

6.(ଖ)(iii) ସ୍ୱାଧୀନୋତ୍ତର

6.(ଖ)(iv) ଆର୍ଶୀବାଦ

6.(ଖ)(v) ଚଳଣୀ

6.(ଗ) ବ୍ୟାସବାକ୍ୟସହ ସମାସ ଲେଖ । 5×2=10

6.(ଗ)(i) ତ୍ରିଫଳା

6.(ଗ)(ii) ପଞ୍ଚବଟୀ

6.(ଗ)(iii) ନାରଦ

6.(ଗ)(iv) କର୍ମକାର

6.(ଗ)(v) ମହର୍ଷି

6.(ଘ) ବିଶେଷ୍ୟକୁ ବିଶେଷଣରେ ଓ ବିଶେଷଣକୁ ବିଶେଷ୍ୟରେ ପ୍ରୟୋଗ କରି ବାକ୍ୟରେ ବ୍ୟବହାର କର । 5×2=10

6.(ଘ)(i) ପଣ୍ଡିତ

6.(ଘ)(ii) ରାଜନୀତି

6.(ଘ)(iii) ନିର୍ଭୀକ

6.(ଘ)(iv) ବିଦ୍ୱାନ୍

6.(ଘ)(v) ଯଶ